ପିଲାମାନଙ୍କ ପାଇଁ ବାଇବଲ

ଉପହାର

ରାଜକୁମାର
ମେଷପାଳକ ହେଲା

ଲେଖକ: Edward Hughes
ଚିତ୍ରାଙ୍କନ: M. Maillot; Lazarus
ଉପଯୋଜକ: E. Frischbutter; Sarah S; Alastair P.
ଅନୁବାଦକ: Prasanta Bhuyan
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2022 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ଦିନେ ମୋଶା ଦେଖିଲେ ଯେ ଜଣେ ମିଶ୍ରିୟ ଲୋକ ଏକ ଏବ୍ରୀୟଙ୍କୁ ଅତ୍ୟାଚାର କରୁଥିଲେ । ମୋଶା ରାଜପରିବାରରେ ରହି ଓ ଶିକ୍ଷାଲାଭ କରି ରାଜକୁମାର ଭାବେ ଫାରୋଙ୍କ ସ୍ଥାନରେ ବଢ଼ିଥିଲେ ମଧ୍ୟ ସେ ଏକ ଏବ୍ରୀୟ ଥିଲେ । ତାଙ୍କୁ ସେହି ଦାସର ସାହାଯ୍ୟ କରିବା ଦରକାର ।

ଚାରିଆଡ଼େ ଅନାଇ ଦେଖି କେହି ଦେଖୁନାହାନ୍ତି ଜାଣି ମୋଶା ସେହି ନିର୍ଦୋୟ ଜାର୍ଯ୍ୟଶାସକଙ୍କୁ
ଆକ୍ରମଣ କରି ବଧ କଲେ । ଶିଘ୍ର ସେହି ମିଶ୍ରୀୟର ଶରରକୁ ଶରିରକୁ ।



3

ତହିଁ ଆରଦିନ ମୋଷା ଦୁଇ ଏବ୍ରୀୟଙ୍କୁ ତର୍କ କରୁଥିବା ଦେଖିଲେ । ସେ ସେମାନଙ୍କୁ ନିଜ ମଧ୍ୟରେ
ଯୁକ୍ତି ନ କରିବାକୁ କହିଲେ । ସେମାନଙ୍କ ମଧ୍ୟରୁ ଜଣେ କହିଲା, ତୁମେ କି ମୋତେ ମଧ୍ୟ ସେହି
ମିଶ୍ରୀୟ ପରି ମାରିଦେବାକୁ ଯୋଜନା କରୁଅଛ, ମୋଶା ଭୟଭିତ ହେଲେ । ପୂର୍ବଦିନ କଥା
ସମସ୍ତେ ଜାଣିଥିଲେ । ଫାରୋ ମଧ୍ୟ ଜାଣିଥିଲେ । ମୋଶାଙ୍କୁ ନିଜ ଜୀବନ ବଞ୍ଚାଇବାକୁ
ଦେଶତ୍ୟାଗ କରିବାକୁ ପଡ଼ିଲା, ସେ ମିଦିୟନ୍ ନାମକ ଦେଶକୁ ଗଲେ ।

4

ଯେତେବେଳେ ମୋଶା ଏକ କୂପ ନିକଟରେ ବିଶ୍ରାମ କଲେ, ଏହି ଦେଖ
ସାତ ଜନ୍ୟା ତାଙ୍କ ପିତା ଯେ କି ମିଦିୟନ୍ ଦେଶରେ ଏକ ଯାଜକ ଥିଲେ
ତାଙ୍କର ମେଷପଲ ନେଇ ସେହି କୂପ ନିକଟକୁ ଆସିଲେ ।



5

ଅନ୍ୟ ମେଷପାଳକମାନେ ସେମାନଙ୍କୁ ସେଠାରୁ ଆଡ଼େଇଦେଲେ,
ସେହି ସମୟରେ ମୋଶା ସେମାନଙ୍କୁ ରକ୍ଷା ଓ ସାହାଯ୍ୟ କଲେ ।



6

ତୁମ୍ଭେମାନେ ଆଜି ଅତି ଶିଘ୍ର ଫେରି ଆସିଲ, ତାଙ୍କର ପିତା ରୟେଲ୍
ଅବାକ୍ ହୋଇ ସେମାନଙ୍କୁ ପଚାରିଲେ । ଯେତେବେଳେ
ସେମାନ ମୋଶାଙ୍କ ବିଷୟରେ କହିଲେ, ସେହି ମନୁଷ୍ୟକୁ
ଗୃହକୁ ଆଣ, ତାଙ୍କ ପିତା ସେମାନଙ୍କୁ କହିଲେ ।
ମୋଶା ରୟେଲ୍ଙ୍କ ସହିତ ବାସ କଲେ ଯାହାକୁ
ଜୀଥ୍ରୋ ମଧ୍ୟ କୁହାଯାଉଥିଲା ।
ପରେ, ମୋଶା ରୟେଲଙ୍କର
ଜ୍ୟଷ୍ଠକନ୍ୟାଙ୍କୁ ବିବାହ କଲେ ।



7

ମିଶର ଦେଶରେ, ଫାରୋଙ୍କର ମୃତୁ
ହେଲା । ଏବେମଧ୍ୟ ସଦାପ୍ରଭୁଙ୍କ ଲୋକମାନେ,
ଅବ୍ରୀୟମାନେ ଦାସତ୍ୱ ଜୀବନ ଯାପନ କରୁଥିଲେ ।
ସେମାନେ ନିଜର ଦୁଃଖ ନିମନ୍ତେ କିପରି କାନ୍ଦିଲେ,

ସାହାଯ୍ୟ ପାଇଁ କିପରି
ସଦାପ୍ରଭୁଙ୍କୁ ପ୍ରାର୍ଥନା କଲେ, ସଦାପ୍ରଭୁ
ସେମାନଙ୍କର ପ୍ରାର୍ଥନା ଶ୍ରବଣ କଲେ ।



8

ମୋଶା ଏ ବିଷୟରେ କିଛି ଜାଣିନଥିଲେ, କିନ୍ତୁ ସଦାପ୍ରଭୁ ମୋଶାଙ୍କ ଦ୍ୱାରା ଦାସତ୍ୱରେ ଥିବା ଏବ୍ରୀୟମାନଙ୍କୁ ଉଦ୍ଧାର କରିବାକୁ ଯୋଜନା କରିଥିଲେ । ମୋଶାଙ୍କୁ ମିଶରଦେଶ ଛାଡ଼ି ଚାଲିଯିବାର ଚାଳିଶ ବର୍ଷ ବିତିଗଲା । ସେ ଯିୟେଲଙ୍କର ମେଷପଲ ଚରାଉଥିଲେ । ମାତ୍ର ନିଶ୍ଚିତ ଭାବରେ ସେ ମିଶରରେ ଥିବା ନିଜଲୋକମାନଙ୍କୁ ମନେ ପକାଇଥିବେ ।



9

ଏକ ସମୟରେ ମୋଶା ଦେଖିଲେ ଯେ ଗୋଟିଏ ବୁଦା ନିଆଁରେ ଜଳୁଅଛି । ମାତ୍ର ସେହି ବୁଦାଟି ନଷ୍ଟ ହେଉନାହିଁ । ମୋଶା ଦେଖିବାକୁ ଚାହିଁଲେ, କାହିଁକି ବୁଦାଟି ଦଗ୍ଧ ହେଉନାହିଁ ।



10

ଯେତେବେଳେ ମୋଶା ପାଖକୁ ଗଲେ, ସେତେବେଳେ ପରମେଶ୍ୱର ବୁଦା ମଧ୍ୟରୁ ତାଙ୍କୁ ଡାକି କହିଲେ, ହେ ମୋଶା, ତହିରେ ସେ କହିଲେ ଏହି ଦେଖ ମୁଁ ଉପସ୍ଥିତ । ପରମେଶ୍ୱର କହିଲେ ପାଖକୁ ଆସନାହିଁ, ତୁମ୍ଭର ପାଦୁକା କାଢ଼ିପକାଅ କାରଣ ତୁମ୍ଭେ ଯେଉଁ ସ୍ଥାନରେ ଛିଡ଼ାହୋଇଅଛ ତାହା ପବିତ୍ରସ୍ଥାନ ।



11

ଆମ୍ଭେ ତୁମ୍ଭକୁ ଫାରୋ ନିକଟକୁ ପ୍ରେରଣ କରିବା ଯେପରି ତୁମ୍ଭେ ସେମାନଙ୍କୁ ମିଶରରୁ ବାହାର କରି ଆଣିବ, ପରମେଶ୍ୱର କହିଲେ । ମାତ୍ର ମୋଶା ଯିବାକୁ ଭୟ କଲେ ।



12

ପରମେଶ୍ୱର ମୋଶାଙ୍କୁ ନିଜର ମହାଶକ୍ତି ଦେଖାଇଲେ । ସେ ମୋଶାଙ୍କ ଯଷ୍ଟିକୁ ସର୍ପରେ ପରିଣତ କଲେ ।



13

ଯେତେବେଳେ ମୋଶା ସେହି ସର୍ପକୁ ତାର ଲାଞ୍ଜରୁ ଉଠାଇଲେ ତାହା ପୁନର୍ବାର ଯଷ୍ଟି ହୋଇଗଲା । ପରମେଶ୍ୱର ଅନ୍ୟଏକ ଚିହ୍ନ ଦେଲେ ।

14

ତୁମ୍ଭେ ଆପଣା ହସ୍ତ ନିଜ ବକ୍ଷସ୍ଥଳରେ ଦିଅ, ପରମେଶ୍ୱର କହିଲେ । ମୋଶା ତାହା କଲେ ।
ତାଙ୍କର ହସ୍ତ ହିମବର୍ଣ୍ଣ ତୁଲ୍ୟ କୁଷ୍ଠଯୁକ୍ତ ହେଲା ।

15

ଯେତେବେଳେ ସେ ପୁନର୍ବାର ସେପରି କଲେ, ତାହାର ହାତ ସୁସ୍ଥ ହୋଇଥିଲା ।

16

ମୋଶା କିନ୍ତୁ ପୁନର୍ବାର ପରମେଶ୍ୱରଙ୍କୁ କହିଲେ, ହେ ପ୍ରଭୁ ମୁ ବାକ୍ୟପଟି ନୁହେଁ, ମୁ ବାକ୍ୟରେ ଧିର ଓ ଜଡ଼ଜିହ୍ୱ ଅଟେ । ପରମେଶ୍ୱର କ୍ରୋଧିତ ହେଲେ । ମୁଁ ତୁମ୍ଭର ଭାଇ ହାରୋଣଙ୍କୁ ତୁମ୍ଭନିମନ୍ତେ କଥା କହିବା ପାଇଁ ବ୍ୟବହାର କରିବି, ସେ ତୁମ୍ଭ ମୁଖର ବାକ୍ୟ ଲୋକମାନଙ୍କୁ କହିବ ।



17

ମୋଶା ଯିଥ୍ରୋଙ୍କ ନିକଟକୁ ଫେରି ଆସିଲେ, ନିଜର ଜୀନିଷପତ୍ର ଧରି ମିଶରକୁ ଗଲେ ।

18

ପରମେଶ୍ୱର ମୋଶାଙ୍କୁ ବ୍ୟବହାର କଲେ, ପର୍ବତରେ ତାଙ୍କ ଭାଇ ହୋରୋଣ ମୋଶାଙ୍କୁ ଭେଟିଲେ । ମୋଶା ପରମେଶ୍ୱରଙ୍କ ସମସ୍ତ ଯୋଜନା ସେ ଯେ ଏବ୍ରୀୟମାନଙ୍କୁ ମିଶର ଦେଶରୁ ମୁକ୍ତକରିବା ବିଷୟରେ ହାରୋଣଙ୍କୁ କହିଲେ । ସେ ଦୁହେଁ ମିଶି ଏହି ସମ୍ବାଦ ଏବ୍ରୀୟମାନଙ୍କ ପ୍ରାଚିନ ବର୍ଗଙ୍କୁ ଜଣାଇଲେ । ଯେତେବେଳେ ମୋଶା ଏବ୍ରୀୟ ପ୍ରାଚିନ ବର୍ଗଙ୍କୁ ସେହି ଚିହ୍ନ ପ୍ରକାଶ କଲେ, ସେମାନେ ଜାଣିଥିଲେ, ପରମେଶ୍ୱର ନିଷ୍ଠଭାବରେ ସେମାନଙ୍କୁ ସାହାଯ୍ୟ କରିବେ । ସେ ଦୁହେଁ ପ୍ରଣାମ କରି ଉପାସନା କଲେ ।



19

ଦାମ୍ପିଜତାର ସହିତ, ମୋଶା ଓ ହାରୋଣ ଫାରୋଙ୍କ ନିକଟକୁ ଗଲେ । ଇସ୍ରାଏଲର ସଦାପ୍ରଭୁ ପରମେଶ୍ୱର କହନ୍ତି, ଆମ୍ଭ ଲୋକମାନଙ୍କୁ ଯିବାକୁ ଛାଡ଼ିଦିଅ । ସେମାନେ ଫାରୋଙ୍କୁ କହିଲେ ।



20



ମୁ ସେହି ଇସ୍ରାଏଲୀୟମାନଙ୍କୁ ଯିବାକୁ ଦେବି ନାହିଁ, ଫାରୋ ଉତ୍ତର ଦେଲେ । ସେ ପରମେଶ୍ୱରଙ୍କ ବାଧ୍ୟ ହେବାନାହିଁ । ଏବେ ଫାରୋଙ୍କ ମନ ବଦଳାଇବା ନିମନ୍ତେ ପରମେଶ୍ୱରଙ୍କୁ ହିଁ ନିଜ ମହାନଶକ୍ତି ବ୍ୟବହାର କରିବାକୁ ପଡ଼ିବ ।

ରାଜକୁମାର ମେଷପାଳକ ହେଲା

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯାତ୍ରାପୁସ୍ତକ ୨-୫

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

I 10

VM 60

ଏହି ବାଇବଲ୍ କହାଣୀ ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏତେ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୂପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬